ADFACTORS PR
Knowledge-driven communications



| | | | |
|---|---|---|---|
| Published Date: | 28 Aug 2018 | Publication: | Samaja (Oriya) |
| Edition: | Bhubaneshwar | Page No: | 11 |
| MAV/CCM: | 25014/11.37 | Circulation: | 200000 |



# ଟିସିଏସ୍ ଆଇଟି ୱିଜ୍ ଭୁବନେଶ୍ୱର ସଂସ୍କରଣ ୭ରେ

ଭୁବନେଶ୍ୱର,୨୭।୮: ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଆଇଟି ୱିଜ୍ ୨୦୧୮ ଭୁବନେଶ୍ୱର ସଂସ୍କରଣ ସେପ୍ଟେମ୍ବର ୭ରେ ସ୍ଥାନୀୟ ହୋଟେଲ୍ ପାଲ୍ ହାଇଟ୍‌ସ୍ଠାରେ ଅନୁଷ୍ଠିତ ହେବ। ଏହା ହେଉଛି ଭାରତର ସର୍ବବୃହତ ସ୍କୁଲସ୍ତରୀୟ ପ୍ରଯୁକ୍ତି କୁଇଜ ପ୍ରତିଯୋଗିତା। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ପ୍ରତି ଅନୁଷ୍ଠାନ ଏଠାକୁ ସର୍ବାଧିକ ୧୫ଟି ଟିମ୍ ପଠାଇପାରିବେ ଓ ପ୍ରତି ଟିମ୍‌ରୁ ସଦସ୍ୟ ସଂଖ୍ୟା ହେଉଛି ଦୁଇ। ଏଥିପାଇଁ କୌଣସି ପ୍ରବେଶ ଶୁଳ୍କ ପଡ଼ିବ ନାହିଁ। ଟିସିଏସ୍ ଆଇଟି ୱିଜ୍ ୨୦୧୮ ଅହମ୍ମଦାବାଦ, ବେଙ୍ଗାଲୁରୁ, ଭୁବନେଶ୍ୱର, ଚେନ୍ନାଇ, ଦିଲ୍ଲୀ, ହାଇଦରାବାଦ, ଇନ୍ଦୋର, କୋଚି, କଲକାତା, ମୁମ୍ବଇ, ନାଗପୁର ଓ ପୁନେ ଭଳି ୧୨ଟି ସହରରେ ଉପଲକ୍ଷ ଅନୁଷ୍ଠିତ ହେବ। ପ୍ରାରମ୍ଭିକ ଲିଖିତ ପର୍ଯ୍ୟାୟର ଶ୍ରେଷ୍ଠ ୬ଟି ଟିମ୍ ଆଞ୍ଚଳିକ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଆଞ୍ଚଳିକ ପର୍ଯ୍ୟାୟରେ ବିଜେତା ଟିମ୍ ଜାତୀୟ ପ୍ରତିଯୋଗିତା ପର୍ଯ୍ୟାୟରେ ସାମିଲ ହୋଇପାରିବେ।